# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28 May - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜନୈତିକ ଦଳମାନଙ୍କ ପକ୍ଷରୁ ଷ୍ଟାର୍ ପ୍ରଚାରକ ମାନଙ୍କର ପ୍ରଚାର

– ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରିପଦା, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ

- ମାଟ୍ରିକ ପରୀକ୍ଷା ଖାତାର ପୁନଃ ଯାଞ୍ଚ୍ ଏବଂ ନକଲ ପାଇଁ ଆସନ୍ତାକାଲି ଠାରୁ ଅନଲାଇନ୍‌ରେ ହେବ ଆବେଦନ

- ନିର୍ବାଚନୀ ପରବର୍ତ୍ତୀ ହିଂସା ରୋକିବା ପାଇଁ ଗଞ୍ଜାମ ଜିଲ୍ଲା ପୁଲିସ ପକ୍ଷରୁ ଆଇନ ଶୃଙ୍ଖଳା କଡ଼ାକଡ଼ି

- ଶ୍ରୀକ୍ଷେତ୍ର ପୁରୀରେ ଭଉଁରୀ ଉତ୍ସବ ଅବସରରେ ଆସନ୍ତାକାଲି ଚକ, ଅଖ ଡେରା ନୀତି ହେବ ସମ୍ପନ୍ନ

ଏବଂ

- ରାଜ୍ୟରେ ବୃଦ୍ଧି ପାଉଛି ଗ୍ରୀଷ୍ମ ପ୍ରବାହ; ପଶ୍ଚିମ ଓଡ଼ିଶାର ୩ ସହରର ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ

*Jajpur/Puri/Kendrapara/Desk*

# ଷ୍ଟାର୍ ପ୍ରଚାରକ

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ମାସ ପହିଲା, ଶନିବାର ଦିନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟର ପ୍ରଚାର କାର୍ଯ୍ୟ ଗୁରୁବାର ସନ୍ଧ୍ୟାରେ ଶେଷ ହେବ। ଏଥିନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜାରି ରହିଛି। ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ବାରିପଦାର ଛଉପଡ଼ିଆ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ପ୍ରଧାନମନ୍ତ୍ରୀ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରଗ୍ରାମର ସିଦ୍ଧମଠ ପଡ଼ିଆଠାରେ ଜନସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ରାଜ୍ୟରେ ଚଳିତ ଥର ଡବଲ ଇଞ୍ଜିନ୍ ସରକାର ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଧାନର ମୂଲ୍ୟ ବୃଦ୍ଧି, ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ, ଧାମରା ବନ୍ଦରକୁ ଶିଳ୍ପାଞ୍ଚଳ କରିବା ଆଦି ଜନହିତକାରୀ କାର୍ଯ୍ୟ ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ବିଜେପି ସରକାର ଆସିଲେ ଶିଳ୍ପ ପ୍ରତିଷ୍ଠା ସହ ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଶ୍ରୀ ଶାହା କହିଛନ୍ତି।

ଶ୍ରୀ ଶାହା ଦ୍ୱିତୀୟ ନିର୍ବାଚନୀ ପ୍ରଚାର ଯାଜପୁର ଜିଲ୍ଲାର ପାଣିକୋଇଲି ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କରିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ଡାକ୍ତରଖାନା ପ୍ରତିଷ୍ଠା, ସୋଲାର ପ୍ୟାନଲେ ମାଧ୍ୟମରେ ମାଗଣା ବିଜୁଳି ବଣ୍ଟନ ଆଦି କରାଯିବ ବୋଲି କହିଥିଲେ।

ନିମାପଡ଼ାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଶ୍ରୀ ଶାହା ଯୋଗଦେଇ ବିଜେପି ସରକାର ଗଠନ ହେଲେ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଯାଜପୁର ଜିଲ୍ଲା ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ ଅସନପୁର ଠାରେ ଆଜି ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ହେବ ବୋଲି କହିଥିଲେ।

ଆସନ୍ତାକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବାଲେଶ୍ୱର ଏବଂ ଭଦ୍ରକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ଥିବା ବେଳେ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ପ୍ରଚାରର ଶେଷଦିନ ଆସନ୍ତା ୩୦ ତାରିଖ ଗୁରୁବାର ଦିନ ବାଲେଶ୍ୱରରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି।

*Desk*

## ମାଟ୍ରିକ୍ ଖାତା ପୁନଃ ଯାଞ୍ଚ୍

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ମାଟ୍ରିକ ପରୀକ୍ଷାଖାତାର ପୁନଃ ଯାଞ୍ଚ୍ ଏବଂ ଉତ୍ତର ଖାତାର ଅବିକଳ ନକଲ ପାଇଁ ଆସନ୍ତାକାଲି ଠାରୁ ଅନ୍‌ଲାଇନ୍ ଆବେଦନ ଓ ଦେୟ ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଇଚ୍ଛୁକ ପରୀକ୍ଷାର୍ଥୀମାନେ **bseodisha.ac.in** ୱେବସାଇଟ୍ ଜରିଆରେ ଜୁନ୍ ୧୨ ତାରିଖ ମଧ୍ୟରେ ଆବେଦନ କରିପାରିବେ। ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀମାନେ ପରିଷଦର ମୁଖ୍ୟ କାର୍ଯ୍ୟାଳୟ କିମ୍ବା ଶାଖା କାର୍ଯ୍ୟାଳୟରେ ଅଫଲାଇନ୍ ଜରିଆରେ ଆବେଦନ କରିପାରିବେ। ପରୀକ୍ଷା ଖାତାଗୁଡ଼ିକର ପୁନଃ ଯାଞ୍ଚ୍ ପରେ ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ମାର୍କସିଟ୍ ଯୋଗାଇ ଦିଆଯିବ। ସେହିପରି ଉତ୍ତରଖାତାର ନକଲ ଗୁଡ଼ିକୁ ୱେବସାଇଟ୍‌ରୁ ଆବେଦନକାରୀମାନେ ଡାଉନ୍‌ଲୋଡ୍ କରିପାରିବେ।

*Ganjam*

## ଆଇନଶୃଙ୍ଖଳା କଡ଼ାକଡ଼ି

ଗଞ୍ଜାମ ଜିଲ୍ଲାରେ ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିକୁ କଡ଼ାକଡ଼ି କରାଯାଇଛି। ରାତି ୮ଟା ପରେ ବିଭିନ୍ନ ଢାବା ଓ ଚା’ ଦୋକାନ ବନ୍ଦ କରିବା ପାଇଁ ସୂଚନା ଦିଆଯାଇଛି। ସେହିପରି ସହରରେ ୯ଟା ସୁଦ୍ଧା ସମସ୍ତ ଦୋକାନ ବଜାର ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଛତ୍ରପୁର, ଭଞ୍ଜନଗର, ଆସିକା,

ସୋରଡ଼ା, ବ୍ରହ୍ମପୁର, ହିଞ୍ଜିଳି, ଦିଗପହଣ୍ଡି, ଖଲିକୋଟ, କବିସୂର୍ଯ୍ୟନଗର ଆଦି ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇ ଅପରାଧୀମାନଙ୍କ ଗତିବିଧିକୁ ଅନୁଧ୍ୟାନ କରାଯାଉଛି ।

***Puri***

## ଭଉଁରୀ ଉତ୍ସବ

ଆସନ୍ତାକାଲି ଶ୍ରୀକ୍ଷେତ୍ର ଭଉଁରୀ ଉତ୍ସବ ଅବସରରେ ପରମ୍ପରା ଅନୁଯାୟୀ ତିନିରଥର ଚକ, ଅଖ ଡେରା ନୀତି ସମ୍ପନ୍ନ ହେବ । ରଥଖଳାରେ ମହାରଣା ଓ ଭୋଇ ସେବକଙ୍କ ଦ୍ୱାରା ପ୍ରତି ରଥର ଦୁଇଟି ଲେଖାଏଁ ନାହାକ ଚକ ପ୍ରସ୍ତୁତ କରାଯାଇଛି ଏବଂ ସେଥିରେ ଅଖ ଡେରା ଯିବ । ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ପରେ ପୂଜା ପଣ୍ଡା ସେବାୟତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରିବା ପରେ ଚକ, ଅଖ ଡେରା ନୀତି ସମ୍ପନ୍ନ ହେବ । ସୂଚନାଯୋଗ୍ୟ, ବିଶ୍ୱକର୍ମା ମହାରଣା ମାନେ ତିନିରଥ ପାଇଁ ୬ଟି ନାହାକ ଚକ ଓ ତିନୋଟି ଅଖ ପ୍ରସ୍ତୁତ କରି ସାରିଥିବା ଜଣାପଡ଼ିଛି ।

***Desk***

# ପିଜି ନାମଲେଖା

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର-ପିଜି ନାମଲେଖା ପାଇଁ ଆବେଦନ ଗତକାଲି ଶେଷ ହୋଇଛି । ୧୧୩ଟି ଉଚ୍ଚଶିକ୍ଷାନୁଷ୍ଠାନର ୨୮ ହଜାର ୯୨୬ଟି ପିଜି ଆସନ ପାଇଁ ୬୩ ହଜାର ୧୪୬ ଜଣ ପ୍ରାର୍ଥୀ ଆବେଦନ କରିଥିବା ଜଣାପଡ଼ିଛି । ଏଥିଲାଗି ଜୁଲାଇ ମାସ ୩ ତାରିଖରୁ ୧୪ ତାରିଖ

ମଧ୍ୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଆସନ୍ତା ଜୁନ୍ ୨୨ ତାରିଖରୁ ସାମ୍ସ୍ ୱେବ୍ସାଇଟ୍ରୁ ଆବେଦନକାରୀ ମାନେ ପ୍ରବେଶପତ୍ର ଡାଉନ୍ଲୋଡ୍ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନା ମିଳିଛି ।

*Sambalpur*

## ରେଳପଥ ମହାପ୍ରବନ୍ଧକ ନିଯୁକ୍ତି

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ପରମେଶ୍ୱର ଫୁଙ୍କୁଆଲ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୮୮ ବ୍ୟାଚ୍ର ଭାରତୀୟ ରେଳବାଇ ଇଞ୍ଜିନିୟର ସେବା ଅଧିକାରୀ ଶ୍ରୀ ଫୁଙ୍କୁଆଲ । ଏହା ପୂର୍ବରୁ ପଶ୍ଚିମ ରେଳବାଇ ମୁମ୍ବାଇରେ ପ୍ରିନ୍ସିପାଲ ଚିଫ୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ ।

*Puri*

## ଭୋଟ୍ଗ୍ରହଣ

ଜୁନ୍ ୧ ତାରିଖରେ ହେବାକୁ ଥିବା ଶେଷ ପର୍ଯ୍ୟାୟ ନିର୍ବାଚନରେ ପୁରୀ ଜିଲ୍ଲାର କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀ ପାଇଁ ଭୋଟ୍ଗ୍ରହଣ କରାଯିବ । ଏହି ଦୁଇଟି ନିର୍ବାଚନମଣ୍ଡଳୀ ପାଇଁ ଥିବା ସମୁଦାୟ ୫୬୦ଟି ମତଦାନ କେନ୍ଦ୍ର ମଧ୍ୟରୁ ୯୮ଟି ବୁଥ୍କୁ ଆଦର୍ଶ ବୁଥ୍ କରାଯାଇଛି । ସେହିପରି ଏହି ଦୁଇଟି ନିର୍ବାଚନମଣ୍ଡଳୀରେ ୩୮ଟି ଲେଖାଏଁ ସଖୀ ବୁଥ୍, ୪ଟି ଯୁବ ପୁଲିଂ ପରିଚାଳିତ ବୁଥ୍, ଦୁଇଟି ଇକୋ ଫ୍ରେଣ୍ଡଲି ବୁଥ୍ ଆଦି ରହିଛି ।

*Sambalpur*

## ଶୂନ୍ୟଛାୟା ଦିବସ

ସମ୍ବଲପୁର ଜିଲ୍ଲା ବୁର୍ଲାଠାରେ ଆଜି ଦିନ ୧୧ଟା ୫୨ ମିନିଟିରେ ଶୂନ୍ୟ ଛାୟା ଦେଖା ଦେଇଥିଲା। ବୁର୍ଲାସ୍ଥିତ ଏପିଜେ ଅବଦୁଲ କାଲାମ ପ୍ଲାନେଟୋରିୟମରେ ଛାତ୍ରଛାତ୍ରୀମାନଙ୍କ ଦେଖିବା ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବୁର୍ଲାରେ ଆସନ୍ତା ଜୁଲାଇ ୧୫ ତାରିଖରେ ଦିନ ୧୧ଟା ୫୬ରେ ପୁଣି ଥରେ ଶୂନ୍ୟ ଛାୟା ଦୃଶ୍ୟମାନ ହେବ ବୋଲି ପ୍ଲାନେଟୋରିୟମ୍ ତରଫରୁ କୁହାଯାଇଛି। ସୂଚନାଯୋଗ୍ୟ, ବର୍ଷକୁ କେବଳ ଦୁଇ ଦିନ ମଧ୍ୟାହ୍ନ ସମୟରେ ସୂର୍ଯ୍ୟ ଠିକ୍ ମୁଣ୍ଡ ଉପରେ ରହିଥାଏ। ଫଳରେ କୌଣସି ବସ୍ତୁର ଛାଇ ପଡେ ନାହିଁ।

***HS***

## ଅଂଶଘାତ ମୃତ୍ୟୁ

ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ପାଇଥିବା ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।

ଅଂଶୁଘାତରେ ଢେଙ୍କାନାଳ ଓ ବାଲେଶ୍ୱରରୁ ଜଣେ ଲେଖାଏଁ ଏବଂ ମୟୂରଭଞ୍ଜରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବା ସେ କହିଛନ୍ତି। ସେହିପରି ଆଉ ୧୪ଟି ଅଂଶୁଘାତ ମୃତ୍ୟୁ ଅଭିଯୋଗର ତଦନ୍ତ ଚାଲିଛି। ଗତକାଲି ସୁଦ୍ଧା ରାଜ୍ୟରେ ୧ ହଜାର ୨୧୯ ଜଣ ଅଂଶୁଘାତ ଯୋଗୁଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଢେଙ୍କାନାଳରେ ସର୍ବାଧିକ ୧୯୮ ଜଣ ଅଂଶୁଘାତରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ମୟୂରଭଞ୍ଜରେ

୧୪୬, ସୁନ୍ଦରଗଡ଼ରେ ୧୩୧ ଓ ସମ୍ବଲପୁରରେ ୧୨୧ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଆଗାମୀ ଦିନରେ ରାଜ୍ୟରେ ପୁଣି ଗ୍ରୀଷ୍ମ ପ୍ରବାହ ଜାରି ରହିବାକୁ ଥିବାରୁ ଡାକ୍ତରଖାନାଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

***Desk***

# ମୌସୁମୀ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩୧ ତାରିଖ ସୁଦ୍ଧା କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏବେ ମୌସୁମୀ ବାୟୁ ପ୍ରବେଶ ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବା ପାଣିପାଗ ବିଭାଗ ମହାନିର୍ଦ୍ଦେଶକ କହିଛନ୍ତି।

ଆକଳନ ଅନୁଯାୟୀ, ଚଳିତବର୍ଷ ଦେଶରେ ଜୁନ୍‌ଠାରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ଋତୁରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ଏହି ସମୟ ମଧ୍ୟରେ ପ୍ରାୟ ୧୦୬ ପ୍ରତିଶତ ବର୍ଷା ହେବା ପୂର୍ବାନୁମାନ କରାଯାଇଛି। ତେବେ ରାଜ୍ୟରେ ନିଅଁଣ୍ଟିଆ ବର୍ଷା ହେବାର ସମ୍ଭାବନା ଦେଖାଦେଇଛି। କେନ୍ଦ୍ରୀୟ ଓଡ଼ିଶାର କିଛି ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେବାକୁ ଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରେ ବର୍ଷା ପରିମାଣ ହ୍ରାସ ପାଇବ ବୋଲି ଅନୁମାନ କରାଯାଇଛି।

# ତାପମାତ୍ରା

ରାଜ୍ୟରେ ଆଜିଠାରୁ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ରାଜ୍ୟରେ ଗୁଳୁଗୁଳି ସ୍ଥିତି ଜାରି ରହିବ। ଆସନ୍ତାକାଲି ଓ ୩୦ ତାରିଖରେ ୪ଟି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୪୩ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା। ବୌଦ୍ଧ ସହରର ତାପମାତ୍ରା ୪୫ ଦଶମିକ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ସୋନପୁରରେ ୪୫ ଦଶମିକ ୩ ଏବଂ ଟିଟିଲାଗଡ଼ରେ ୪୫ ଡିଗ୍ରୀ ସେଲିୟସ ତାପମାତ୍ରା ରେକର୍ଡ କରାଯାଇଥିଲା।